# ପୁନରୁଦ୍ଧାର ହେଉଛି ବୌଦ୍ଧପୀଠ ଲାଙ୍ଗୁଡ଼ି

- ୨୦୧୪ରେ ପର୍ଯ୍ୟଟନସ୍ଥଳୀ ମାନ୍ୟତା ମିଳିଥିଲା
- ସୁରକ୍ଷା ବ୍ୟବସ୍ଥା କୋହଳ ଯୋଗୁ ସବୁ କ୍ଷତିଗ୍ରସ୍ତ ହୋଇଛି


ଲାଙ୍ଗୁଡ଼ି ପାହାଡ଼ର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି ।

କାଏମା,୫।୧୦(ଶିବପ୍ରସାଦ ମହାନ୍ତି):

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜାପୁର ଓ ପାଟପୁର ପଞ୍ଚାୟତ ମଧ୍ୟଭାଗରେ ଥିବା ଲଙ୍ଗୁଡ଼ି ପାହାଡ଼ର ପୁନରୁଦ୍ଧାର କରାଯାଉଛି । ଏହି କାର୍ଯ୍ୟ ୨୦୨୩ ଜାନୁୟାରୀରୁ ଆରମ୍ଭ ହୋଇଛି । ଡିସେମ୍ବର ସୁଦ୍ଧା କାର୍ଯ୍ୟ ସରିବ । ଏହାପରେ ଉକ୍ତ ପାହାଡ଼ ପୂର୍ବଭଳି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ସୂଚନା ମିଳିଛି ।

ରାଜ୍ୟର ପ୍ରସିଦ୍ଧ ବୌଦ୍ଧପୀଠଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ । ୨୦୧୪ରେ ଏହା ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଥିଲା । ଐତିହାସିକ ଓ ଗବେଷକ କୁହନ୍ତି, ଏଠାରେ ଅଶୋକ ବୌଦ୍ଧ ଧର୍ମର ପ୍ରଚାର କରିଥିଲେ । ଏହାର ଐତିହାସିକ ଗୁରୁତ୍ୱକୁ ଉପଲବ୍ଧି କରି ପରବର୍ତ୍ତୀ ସମୟରେ ଲାଙ୍ଗୁଡିକୁ ପୁଷ୍ପଗିରି ବିହାର ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । ଲାଙ୍ଗୁଡ଼ି ବୌଦ୍ଧ ବିହାର ଅଢ଼େଇ ହଜାର ବର୍ଷର ଇତିହାସ ବହନ କରୁଥିବା କୁହାଯାଏ । ଦେଶବିଦେଶର ପର୍ଯ୍ୟଟକ, ବୌଦ୍ଧ ଧର୍ମାବଲମ୍ବୀ ଓ ଗବେଷକଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଓଟିଡିସି ପକ୍ଷରୁ ୨୦୦୮ରେ ପର୍ଯ୍ୟଟନର ବିକାଶ ନିମନ୍ତେ ବୌଦ୍ଧ ଶିକ୍ଷାକେନ୍ଦ୍ର କରାଯାଇଥିଲା । ମାର୍ବଲରେ ଶ୍ରେଣୀଗୃହ, ଗୋଦାମ ଗୃହ ଓ ରୋଷେଇ ଗୃହ ଆଦି ନିର୍ମାଣ କରାଯାଇଥିଲା । ୧୦ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇ ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ନିମନ୍ତେ ଚନ୍ଦ୍ରଗିରିସ୍ଥିତ ମହାବିଦ୍ୟାଳୟକୁ ଦାୟିତ୍ୱ ପ୍ରଦାନ ଦିଆଯାଇଥିଲା । ୨୦୧୫ରୁ୨୦୧୭ ଯାଏ ଏଠାରେ ଶିକ୍ଷା ଦିଆଯାଇଥିଲା । କିନ୍ତୁ ସେ ଅଞ୍ଚଳର କେତେଜଣ ଅସାମାଜିକ ଲୋକ ହଇରାଣ ହରକତ କରିବା ହେତୁ ଶିକ୍ଷା ସମ୍ପନ୍ନ ପରେ ବୌଦ୍ଧ ଧର୍ମାବଲମ୍ବୀ ଏହି ସ୍ଥାନ ଛାଡ଼ି ଚାଲିଯାଇଥିଲେ । ପରେ ରକ୍ଷଣାବେକ୍ଷଣ ଅଭାବରୁ ଲାଙ୍ଗୁଡି ପାହାଡ଼ ଭୂତକୋଠି ପାଲଟି ଯାଇଥିଲା । ଶ୍ରୀହୀନ ହୋଇଯାଇଥିଲା ବୌଦ୍ଧ ବିହାର । କୋଟିକୋଟି ଟଙ୍କାରେ ନିର୍ମିତ ଷ୍ଟଡି ସେଣ୍ଟର, ରୋଷେଇ ଘର, ଡାଇନିଂ ଓ ପାଛଶାଳା ଆଦି ଭାଙ୍ଗି ଚୂରମାର ହୋଇଯାଇଥିଲା । ଏଥିରେ ଥିବା ସଟର, କବାଟ, ଝରକା, ବୈଦ୍ୟୁତିକ ସରଞ୍ଜାମ ଓ ଲୁହା ଗେଟ୍ ସବୁକୁ ଦୁର୍ବୃତ୍ତ ତାଡ଼ି ନେଇ ଯାଇଥିଲେ । ଶୌଚାଳୟ ଉପକରଣ ମଧ୍ୟ ଛାଡ଼ି ନ ଥିଲେ । ସେବେଠୁ ଦିନକୁଦିନ ଏଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା । ଏହାଉପରେ ଡିସେମ୍ବର ୫ରେ 'ଅଲୋଡ଼ା ହୋଇଛି ବୌଦ୍ଧ ପୀଠ ଲାଙ୍ଗୁଡି' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା । ପୂର୍ବରୁ ବିପୁଳ ଟଙ୍କା ବ୍ୟୟରେ ଲାଙ୍ଗୁଡ଼ିର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ସୁରକ୍ଷା ବ୍ୟବସ୍ଥା କୋହଳ ଯୋଗୁ ତାହା ଧ୍ୱଂସ ହୋଇଯାଇଥିଲା । ଏବେ ଏହାର ସୁରକ୍ଷା ନିମନ୍ତେ ଧର୍ମଶାଳାର ଯୁବ ସଂଗଠକ ଆଲୋକ ଜେନାସାମନ୍ତଙ୍କ ନେତୃତ୍ୱରେ 'ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ' ଗଠିତ ହୋଇଛି । ଆଗାମୀ ଦିନରେ କିଭଳି ଏହାକୁ ସୁରକ୍ଷା ଦିଆଯିବା ସହ ଆହୁରି ଉନ୍ନତି କରାଯାଇପାରିବ ସେଥିପାଇଁ ପଞ୍ଚାୟତର ବୁଦ୍ଧିଜୀବୀ, ଅବସରପ୍ରାପ୍ତ ଶିକ୍ଷକ, ଯୁବକ, ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ପଞ୍ଚାୟତବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା । ସର୍ବସମ୍ମତିକ୍ରମେ ଜେନାସାମନ୍ତ ସୁରକ୍ଷା ମଞ୍ଚର ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏ ସମ୍ପର୍କରେ ସଭାପତି ଜେନାସାମନ୍ତ କହିଛନ୍ତି, ଏଠାରୁ ଆବିଷ୍କୃତ ଅନେକ ବିରଳ ବୌଦ୍ଧମୂର୍ତ୍ତିକୁ ରାଜ୍ୟ ସଂଗ୍ରହାଳୟରେ ସ୍ଥାନିତ କରାଯାଇଛି । ଦକ୍ଷିଣପୂର୍ବ ନୌବାଣିଜ୍ୟ କେନ୍ଦ୍ର ଓ ଭାରତ ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ବିଭାଗ ପକ୍ଷରୁ ଏହି ପାହାଡ଼ରୁ ଅନେକ କୀର୍ତ୍ତିରାଜି ଖନନ ମଧ୍ୟ ହୋଇଛି । ଆଉ ଯେପରି ଏହା ଅଲୋଡ଼ା ନ ହେବ ସେ ଦିଗରେ ନଜର ରଖାଯିବ । ଏହି ଐତିହାସିକ ବୌଦ୍ଧ ପୀଠର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ପୂର୍ବଠାରୁ ଅଧିକ ଆକର୍ଷଣ କରିବ ବୋଲି ସେ ପ୍ରକାଶ କରିଛନ୍ତି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଚନ୍ଦନ


@ ଦେବାଶିଷ


@ ଜ୍ୟୋତିରଞ୍ଜନ


@ ସୁବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆବାସରୁ ନାଁ କଟିବାରୁ ଗଣଧାରଣା


ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ୍ ପଡିଥିବା ଲୋକେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ।

ସୁକିନ୍ଦା,୫।୧୦(ସତ୍ୟଜିତ ଦାଶ):

ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡ଼ିଆ ପଞ୍ଚାୟତର ୨୫୪ ଜଣଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ୍ ପଡ଼ିଛି । ଫଳରେ ଏହାକୁ ନେଇ ସେମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣାରେ ବସିଛନ୍ତି । ଗଣଧାରଣାର ନେତୃତ୍ୱ ପିମ୍ପୁଡ଼ିଆ ସରପଞ୍ଚ ତପନ ନାୟକ ନେଇଛନ୍ତି । ଧାରଣାସ୍ଥଳକୁ କୌଣସି ଅଧିକାରୀ ଆସି ନଥିବା ଜଣାପଡ଼ିଛି ।

ଏ ସମ୍ପର୍କରେ ସରପଞ୍ଚ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଯୋଗ୍ୟବ୍ୟକ୍ତିଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରିରହିବ । ଘର ମିଳିବାରେ ବିଳମ୍ବ ହୋଇପାରେ, କିନ୍ତୁ ଯୋଗ୍ୟଙ୍କୁ ଅଯୋଗ୍ୟ ଘୋଷଣା କରିବାରୁ ବିରତ ରହି ଆମ ଉପସ୍ଥିତିରେ ଠିକ ଭାବରେ ତଦନ୍ତ କରି ସେମାନଙ୍କୁ ପୁନଃ ତାଲିକାଭୁକ୍ତ କରିବାକୁ ଆମର ଦାବି ରହିଛି । ଏହି ଅନିୟମିତତା ସମ୍ବନ୍ଧରେ ପଞ୍ଚାୟତ କାର୍ଯ୍ୟାଳୟର ଚିଠି ନମ୍ବର ୪୭/ତା:୧୦।୦୭।୨୦୨୩ରେ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲା । କୌଣସି ସୁଫଳ ନ ମିଳିବାରୁ ତା:୨୬।୦୯।୨୦୨୩ରେ ପତ୍ର ସଂଖ୍ୟା ୬୧ରେ ପଞ୍ଚାୟତ କାର୍ଯ୍ୟାଳୟରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପୁନର୍ବାର ଏକ ଚିଠି କରାଯାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରାଯାଇଥିଲା । ଉକ୍ତ ଚିଠିରେ ଚଳିତ ମାସ ୨ ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ୫ ତାରିଖରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଉଲ୍ଲେଖ ଥିଲା । ତଥାପି କେହି କର୍ଣ୍ଣପାତ ନ କରିବାରୁ ବାଧ୍ୟ ହୋଇ ଆମେ ଧାରଣା ଆରମ୍ଭ କଲୁ ବୋଲି ସରପଞ୍ଚ ନାୟକ ପ୍ରକାଶ କରିଛନ୍ତି ।

ଧାରଣାରତ ମହିଳା କଳାବତୀ ମହାନ୍ତ କହିଛନ୍ତି, ଗରିବ ପରିବାରକୁ ଘର ନ ଦେଇ ଧନୀଙ୍କୁ ଘର ପ୍ରଦାନ କରାଯାଉଛି । ଲାଞ୍ଚ ଦେବାକୁ ଅକ୍ଷମ ବୋଲି ଆମର ଯୋଗ୍ୟତା ଥାଇ ମଧ୍ୟ ନାଁ କାଟିଦିଆଯାଉଛି । ଏହି ଅନ୍ୟାୟକୁ ଆମେ ପାରୁପର୍ଯ୍ୟନ୍ତ ବିରୋଧ କରିବୁ । କବିତା ମହାରଣା କହିଛନ୍ତି, କେବଳ ଆମେ ଯୋଗ୍ୟ ତାଲିକାରେ ସାମିଲ ହେବାକୁ ଧାରଣା ଦେଉନୁ । ଚଞ୍ଚକତା କରି ନାଁ କାଟିଦେଇଥିବା ଦୋଷୀଙ୍କୁ ଖୋଜି ବାହାର କରାଯାଇ ଦଣ୍ଡ ବିଧାନ କରିବାକୁ ଦାବି କରୁଛୁ । ଶାମ ତିରିଆ ନାମକ ଆନ୍ଦୋଳନକାରୀ ବ୍ଲକ ପ୍ରଶାସନକୁ ଦୋଷ ଦେଇ କହିଛନ୍ତି, ଏହି ସମସ୍ତ କାର୍ଯ୍ୟ କୁଜି ରାଜନେତା ଏବଂ ବ୍ଲକ ପ୍ରଶାସନର ସାଲିସରେ ହୋଇଛି । ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ନମ୍ରତା ମୋଦିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ ।

# ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଭେଟିଲେ ଚଣ୍ଡିଖୋଲ କୋର୍ଟବାର ଆସୋସିଏଶନ କର୍ମକର୍ତ୍ତା

ଚଣ୍ଡିଖୋଲ,୫।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ କର୍ମକର୍ତ୍ତା ଓଡ଼ିଶା ଉଚ୍ଚ ହାଇକୋର୍ଟର ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ଗୁରୁବାର ସାକ୍ଷାତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି । ଚଣ୍ଡିଖୋଲ କୋର୍ଟର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର କରାଯିବ ବୋଲି ଆଲୋଚନାରେ ସ୍ଥାନ ପାଇଛି । ଏହି ସାକ୍ଷାତ ଓ ଆଲୋଚନାରେ କୋର୍ଟ ବାର ଆସୋସିଏଶନର ପୂର୍ବତନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ କୁମାର ଦାଶ, ଉପସଭାପତି ଶ୍ରୀକାନ୍ତ ବଳ, କୋଷାଧ୍ୟକ୍ଷ ଚିନ୍ମୟ ପ୍ରତାପ ଓ ସହସମ୍ପାଦକ ଜ୍ୟୋତିଶଙ୍କର ମହାପାତ୍ର ଉପସ୍ଥିତ ଥିଲେ ।


ମୁଖ୍ୟ ବିଚାରପତିଙ୍କୁ ଚଣ୍ଡିଖୋଲ କୋର୍ଟବାର ଆସୋସିଏଶନ କର୍ମକର୍ତ୍ତା ଭେଟୁଛନ୍ତି ।

# ଶାନ୍ତିଶୃଙ୍ଖଳାରେ ହେବ ଦୁର୍ଗାପୂଜା, ଡିଜେ ବାଜିବ ନାହିଁ

ଚଣ୍ଡିଖୋଲ,୫।୧୦(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ଥାନା ଅଞ୍ଚଳରେ ଆସନ୍ତା ଦଶହରା ଓ ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳାର ସହ ପାଳନ ହେବ । ପୂଜା ଓ ଭସାଣି ସମୟରେ ଡିଜେ ଆଦୌ ବାଜିବନାହିଁ । ଶବ୍ଦ ପ୍ରଦୂଷଣ ରୋକିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ସମସ୍ତେ ଧ୍ୟାନ ଦେବେ ଓ ପୋଲିସକୁ ସହଯୋଗ କରିବେ ବୋଲି ଗୁରୁବାର ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ସିଦ୍ଧାନ୍ତ ହୋଇଛି । ଥାନା ପକ୍ଷରୁ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଛି । ଆଲୋଚନାରେ ବଡ଼ଚଣା, ଚଣ୍ଡିଖୋଲ, ଗରଗାଲି, ସିହା, ବଡ଼ଚଣା ସିଂହ ସାହି, ଚଣ୍ଡିତଳ, ବଡ଼ ଘୁମୁରି, ଶକୁନ୍ତଳାପୁର, କୋଲାସିଂ ଓ ଖରମଙ୍ଗି ପୂଜା କମିଟି କର୍ମକର୍ତ୍ତା ଭାଗ ନେଇଥିଲେ ।

# ସାଇବରସୁରକ୍ଷାସଚେତନତା



ବରୀ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି ।

ବରୀ,୫।୧୦(ମହେନ୍ଦ୍ର ସ୍ୱାଇଁ):

ସାଇବର ଠକେଇ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଠକମାନେ ଅଭିନବ ଉପାୟରେ ସାଧାରଣ ଲୋକଙ୍କୁ ପ୍ରଲୋଭିତ କରି ବିପୁଳ ଟଙ୍କା ଲୁଟି ନେଉଛନ୍ତି । ଲୋକେ ଠକାମିର ଶିକାର ହେବାପରେ ଥାନାର ଦ୍ୱାରସ୍ଥ ହେଉଛନ୍ତି । ଏହି ଠକାମି ଉପରେ ରୋକ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହିକ୍ରମରେ ବରୀ-ରାମଚନ୍ଦ୍ରପୁର ଥାନା ପୋଲିସ ତରଫରୁ ପଥପ୍ରାନ୍ତ ନାଟକ ଓ ଡାକବାଜି ଯନ୍ତ୍ର ସାହାଯ୍ୟରେ ସାଇବର ଠକମାନଙ୍କ କଥାରେ ପ୍ରଲୋଭିତ ନ ହେବାକୁ ସଚେତନ କରାଯାଇଛି । ବରୀ ଅଞ୍ଚଳର ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ, ବରୀ ବ୍ଲକ୍ କାର୍ଯ୍ୟାଳୟ, ବରୀ ମାଉଣ୍ଡ ବ୍ୟବସାୟିକ ପେଣ୍ଠସ୍ଥଳଠାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ଥାନା ଅଧିକାରୀ ପ୍ରକାଶ କୁମାର ସାହୁ, ଜିଲା ପୋଲିସ ମୁଖ୍ୟାଳୟର ଏସ୍‌ଆଇ ଅସିତ ବଳବନ୍ତରାୟ, ପ୍ରିୟଦର୍ଶନ ସେଠୀ ଓ ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ । ଲୋକେ ଯେଭଳି ଠକେଇର ଶିକାର ନ ହୁଅନ୍ତି ସେ ବିଷୟରେ ଛାତ୍ରୀଛାତ୍ର, ଯୁବପିଢ଼ି ଓ ସଚେତନ ନାଗରିକ ଅନ୍ୟମାନଙ୍କୁ ସଚେତନତା କରାଇବାକୁ ଥାନା ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

# ୨ ଆମ୍ବୁଲାନ୍ସ ମୁହାଁମୁହିଁ ଧକ୍କା, ୩ ଆହତ

ପାଣିକୋଇଲି,୫।୧୦(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମସୁଦପୁରସ୍ଥ ଏକ ଡାଇଭର୍ସନ ନିକଟରେ ୨ ଆମ୍ବୁଲାନ୍ସ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ୩ ଜଣ ଆହତ ହୋଇଛନ୍ତି । ଭଦ୍ରକରୁ ରୋଗୀ ନେଇ କଟକ ବଡ଼ ଡାକ୍ତରଖାନାକୁ ଯାଉଥିବା ଏକ ଘରୋଇ ଆମ୍ବୁଲାନ୍ସ (ଓଡି-୦୨-ଆର-୨୮୬୯)ର ଚାଳକ ଭାରସାମ୍ୟ ହରାଇ ଡିଭାଇଡରରେ ଗାଡ଼ି ପିଟି ଦେଇଥିଲେ । ଏହି ସମୟରେ ବିପରୀତ ଦିଗରୁ ମୃତଦେହ ନେଇ ଆସୁଥିବା ଅନ୍ୟ ଏକ ଆମ୍ବୁଲାନ୍ସ ସହିତ ଧକ୍କା ଖାଇ ଓଲଟି ପଡ଼ିଥିଲା । ଫଳରେ ଉକ୍ତ ଆମ୍ବୁଲାନ୍ସର ଚାଳକ ସମେତ ନିବିଏଲ କମ୍ପାନୀର କର୍ମଚାରୀ ଅଶୋକ ରାଉତ ଓ ଜି. ହେମ୍ବ୍ରମ ଆହତ ହୋଇଥିଲେ । ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ, ପାଟ୍ରୋଲିଂ କର୍ମଚାରୀ ଦିନେଶ ସାହୁ, ପ୍ରଦୀପ ମଲ୍ଲିକ ଓ ବିଶ୍ୱନାଥ ମଲ୍ଲିକ ପ୍ରମୁଖ ଆହତଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।



# କ୍ଷତିପୂରଣ ଦାବିରେ ବିତରକ ସଂସ୍ଥା ଅଫିସ ଆଗରେ ଧାରଣା

## ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଗୁରୁତର ମହିଳାଙ୍କ ମୃତ୍ୟୁ

ପାଣିକୋଇଲି,୫।୧୦(ବିକାଶ ମଲ୍ଲିକ):


ପୋଲିସ କୋରେଇ ବିଧାୟକ ଓ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରୁଛି ।

ପାଣିକୋଇଲି ଥାନା ବଡ଼ବିରୁହାଁ ପଞ୍ଚାୟତ ପ୍ରଧାନ ସାହିର କମଳାକାନ୍ତ ସ୍ୱାଇଁଙ୍କ ଘରେ ଗ୍ୟାସ୍ ଟାଙ୍କି ଫାଟି ଘଟିଥିବା ଅଗ୍ନିକାଣ୍ଡରେ ପୋଡ଼ି ହୋଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ୬ ବ୍ୟକ୍ତିଙ୍କ ମଧ୍ୟରୁ ତାଙ୍କ ସ୍ତ୍ରୀ ମଧୁସ୍ମିତା(୩୫)ଙ୍କ ବୁଧବାର ରାତିରେ ମୃତ୍ୟୁ ହୋଇଛି । ଉକ୍ତ ଖବର ପାଇବା ପରେ ବଡ଼ବିରୁହାଁ ପଞ୍ଚାୟତବାସୀ ଗୋଳେଇପୁରସ୍ଥିତ ଗ୍ୟାସ୍ ବିତରକ ସଂସ୍ଥା କାର୍ଯ୍ୟାଳୟ ଆଗରେ ଗୁରୁବାର ମୃତଦେହ ରଖି କ୍ଷତିପୂରଣ ଦାବି କରିଥିଲେ । ଖବର ପାଇ କୋରେଇ ବିଧାୟକ ଅଶୋକ କୁମାର ବଳ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନା, ବଡ଼ବିରୁହାଁ ପୂର୍ବତନ ସମିତି ସଭ୍ୟ ପ୍ରମୋଦ କୁମାର ସାହୁ, ଗ୍ରାମବାସୀ ବିଜୟ ମହାପାତ୍ର, ସୁଶାନ୍ତ ମହାପାତ୍ର, ଶୁଭଙ୍କର ଆଶୁତୋଷ ମହାପାତ୍ର ପ୍ରମୁଖ ପହଞ୍ଚିଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଲାଗି ମାଜିଷ୍ଟ୍ରେଟ ଭାବେ ବ୍ୟାସନଗର ତହସିଲଦାର ଅଶୋକ ମାଝି, ଯାଜପୁର ରୋଡ୍ ଏସଡିପିଓ ସଞ୍ଜୟ ପଟ୍ଟନାୟକ, ଯାଜପୁର ରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ସମେତ ପାଣିକୋଇଲି ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ରେଡକ୍ରସରୁ ୧୦ ହଜାର ଓ କ୍ଷତିପୂରଣ ବାବଦରେ ୩ ଲକ୍ଷଟଙ୍କା ଦେବାକୁ ସ୍ଥିର ହେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

ସୂଚନାନୁସାରେ, ଗତ ସୋମବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଗୋଳେଇପୁରସ୍ଥିତ ଏକ ଡିପୋରୁ ଗାଡ଼ି ସିଲିଣ୍ଡର ଦେବାକୁ ସ୍ୱାଇଁଙ୍କ ଘରକୁ ଆସିଥିଲା । ସିଲିଣ୍ଡରକୁ ରୋଷେଇ ଘରକୁ ନେଇ ସିଲ ଖୋଲିବା ବେଳକୁ ସେଥିରୁ ଗ୍ୟାସ ଲିକ ହୋଇ ଘର ସାରା ଖେଳିଯାଇଥିଲା । ଉକ୍ତ ସମୟରେ ଘରେ ଚୁଲିରେ ରୋଷେଇ ଚାଲୁ ରହିଥିବାରୁ ଗ୍ୟାସର ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ଘରର ସମସ୍ତ ଆସବାବ ପତ୍ର ପୋଡ଼ି ଯିବା ସହିତ ରୋଷେଇ ଘରେ ଥିବା କମଳାକାନ୍ତଙ୍କ ମା' ଆରତୀ(୬୯), ସ୍ତ୍ରୀ ମଧୁସ୍ମିତା(୩୫) ପୋଡ଼ି ହୋଇଯାଇଥିଲେ । ଚିତ୍କାର ଶୁଣି କମଳାକାନ୍ତଙ୍କ ସମେତ ପଡ଼ୋଶୀ ଶରତ ମହାପାତ୍ର(୫୬), ବିଦ୍ୟାଧର ସାହୁ (୩୮), ଦୟାନିଧି ପଣ୍ଡା(୪୦) ଉଭୟ ଶାଶୁ ଓ ବୋହୂଙ୍କୁ ବଞ୍ଚାଇବାକୁ ଯାଇ ପୋଡ଼ି ହୋଇ ଆହତ ହୋଇଥିଲେ । ବାହାରେ ଖେଳୁଥିବା ବିଦ୍ୟାଧରଙ୍କ ପୁଅ ପାର୍ଥ(୦୬) ଘର ଭିତରକୁ ଦୌଡ଼ି ଆସିବାରୁ ସେ ମଧ୍ୟ ପୋଡ଼ି ହୋଇ ଯାଇଥିଲେ । ଗ୍ରାମବାସୀ ଆହତଙ୍କୁ ଉଦ୍ଧାର କରି ଯାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ମଧୁସ୍ମିତାଙ୍କ ଶରୀର ୮୦ ଶତକଡ଼ା ପୋଡ଼ି ହୋଇ ଯାଇଥିଲା । ଉକ୍ତ ଘଟଣା ପରେ ଗ୍ରାମବାସୀଙ୍କ ତରଫରୁ ବିତରକ ସଂସ୍ଥାକୁ ଖବର ଦିଆଯାଇଥିଲା । ହେଲେ ସଂସ୍ଥାର କର୍ମକର୍ତ୍ତା ଆହତଙ୍କୁ ସମବେଦନା ଜଣାଇବା ପାଇଁ ମଧ୍ୟ ଆସି ନ ଥିଲେ ।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ଡେରାବିଶ,୫।୧୦ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଛାଞ୍ଛୁଣିଆ ଗାଁରେ ଥିବା ଏକ ପୋଖରୀରୁ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ଯୁବକ ଜଣକ ହେଲେ ସଦର ଥାନା ଅନ୍ତର୍ଗତ କୁଶିଆପାଳ ପଞ୍ଚାୟତ ଖସାପଡ଼ିଆ ଗ୍ରାମର ଯଦୁମଣି ସାହୁଙ୍କ ପୁଅ ଗିରିଧାରୀ (୩୧)। ପରିବାରର ସୂଚନା ଅନୁଯାୟୀ, ବୁଧବାରଠାରୁ ଗିରିଧାରୀ ଘରକୁ ଫେରି ନ ଥିଲେ। ତେବେ ଗିରିଧାରୀ କେଉଁ ସମ୍ପର୍କୀୟଙ୍କ ଘରକୁ ଚାଲି ଯାଇଥିବା ଭାବି ପରିବାର ଲୋକ ଖୋଜାଖୋଜି କରି ନ ଥିଲେ। ଗୁରୁବାର ଅପରାହ୍ନରେ ଗିରିଧାରୀଙ୍କ ମୃତଦେହ ଛାଞ୍ଛୁଣିଆ ଗାଁର ଏକ ପୋଖରୀରେ ଭାସୁଥିବା ଦେଖି ଗ୍ରାମ ଲୋକଙ୍କଠାରୁ ଖବରପାଇ ପରିବାର ଲୋକ ସେଠାରେ ପହଞ୍ଚିଥିଲେ। ଗିରିଧାରୀଙ୍କୁ ଚିହ୍ନଟ ପରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ଗିରିଧାରୀଙ୍କ ମୃତଦେହକୁ ଜବତ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ଗିରିଧାରୀଙ୍କ ମୃତ୍ୟୁର କାରଣ ଏବେ ବି ରହସ୍ୟବୃତ ରହିଛି।

# ଟାଟା ପାୱାର କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ରାଜକନିକା, ୫।୧୦(ସଞ୍ଜୟ କୁମାର ଦାଶ)

## ଲୋ ଭୋଲ୍‌ଟେଜର ସୁଧାର ଆସୁନି

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଚାଉଳିଆକୋଳ୍ପା ଗାଁରେ ଲୋ ଭୋଲଟେଜର ସମସ୍ୟା ନେଇ ୩ ବର୍ଷ ହେବ ବାରମ୍ବାର ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟରେ ଅଭିଯୋଗ କରି ଆସୁଥିଲେ। ହେଲେ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ଫଳରେ ନିରାଶ ହୋଇ ଚାଉଳିଆକୋଳ୍ପା ଗାଁର ଲୋକ ଗୁରୁବାର ରାଜକନିକାସ୍ଥିତ ଟାଟା ପାୱାର ସେକ୍ସନ କାର୍ଯ୍ୟାଳୟ ଘେରାଉ କରିଥିଲେ।

ସୂଚନାଯୋଗ୍ୟ, ଚାଉଳିଆକୋଳ୍ପା ଗାଁରେ ଦୀର୍ଘ ୩ ବର୍ଷ ହେବ ବିଦ୍ୟୁତ୍ ଜନିତ ଅସୁବିଧାରେ ଲୋ ଭୋଲଟେଜ ସମସ୍ୟା ଲାଗି ରହିଛି। ଟ୍ରାନ୍ସଫର୍ମର ପାଖରୁ ଲାଇନ୍ କଟି ଗଲେ ୩ଶହ ରୁ ୫ଶହ ପର୍ଯ୍ୟନ୍ତ ଟଙ୍କା ଦେଇ କନେକସନ ଗାଁ ଲୋକ କରାନ୍ତି। ରାତ୍ରିରେ ଲାଇନ୍ କଟିଗଲେ ଅନ୍ଧାର ସହ ଗରମରେ ଛଟପଟ ହୋଇ ରହିବାକୁ ପଡିଥାଏ। ପର ଦିନ ସଜଡା ଯିବା ପରେ ବିଦ୍ୟୁତ୍ ଆସିଥାଏ। ଟ୍ରାନ୍ସଫର୍ମର ବସିବା



ଟାଟା ପାୱାର କାର୍ଯ୍ୟାଳୟକୁ ଚାଉଳିଆକୋଳ୍ପା ଗ୍ରାମବାସୀ ଘେରାଉ କରିଛନ୍ତି।

ପାଇଁ ଗାଁ ଲୋକଙ୍କୁ ପିଣ୍ଡି ତିଆରି କରିବାକୁ ବାଧ କରିବା। ୨୫ କେଭିଏ ବଦଳରେ ୬୩ କେଭିଏ ଟ୍ରାନ୍ସଫର୍ମର ବସାଇବା ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ବିଗତ ୩ ବର୍ଷ ହେବ ଗାଁରେ ବସବାସ କରୁଥିବା ପ୍ରାୟ ୫୦ ଉର୍ଦ୍ଧ୍ୱ ପରିବାର ଅଭିଯୋଗ କରିଆସୁଛନ୍ତି। ଦାବି ପୂରଣ ବଦଳରେ କାର୍ଯ୍ୟାଳୟ ପକ୍ଷରୁ କେବଳ ପ୍ରତିଶ୍ରୁତି ଦିଆ ଯାଉଥିଲା। ଆଜିକାଲି କହି ଅଧିକାରୀମାନେ ସମୟ ଗଡାଇ ଚାଲୁଥିଲେ। ଶେଷରେ ଗୁରୁବାର ଗ୍ରାମବାସୀଙ୍କ ପକ୍ଷରୁ କୈଳାସ ମଲ୍ଲିକ, ଆନନ୍ଦ ବିଶ୍ୱାଳ, ଅନିରୁଦ୍ଧ ପ୍ରଧାନ, ଅନିଲ କୁମାର ପ୍ରଧାନ, ସରୋଜ କୁମାର ମଲ୍ଲିକ, ଭିବି ପ୍ରସାଦ ପ୍ରଧାନ, ଅରୁଣ କୁମାର ମଲ୍ଲିକ, ବାଳକୃଷ୍ଣ ମଲ୍ଲିକ, ତ୍ରିଲୋଚନ ପ୍ରଧାନ, ସୁଶାନ୍ତ ପ୍ରଧାନ, ବିକାଶ ପ୍ରଧାନ, ରଙ୍ଗରଞ୍ଜନ ପ୍ରଧାନ, ଅକ୍ଷୟ କୁମାର ମଲ୍ଲିକ, ଶଶିକାନ୍ତ ପ୍ରଧାନ, ଜନ୍ମେଜୟ ସାମଲ, କାହ୍ନୁଚରଣ ସ୍ୱାଇଁ, ବିବେକାନନ୍ଦ ମଲ୍ଲିକଙ୍କ ସମେତ ଶତାଧିକ ଗ୍ରାମବାସୀ ରାଜକନିକା ସ୍ଥିତ ଟାଟା ପାଓ୍ୱାର ସେକ୍ସନ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଯେପର୍ଯ୍ୟନ୍ତ ଆମ ଗାଁରେ ବିଦ୍ୟୁତ ସମସ୍ୟା ଦୁର ନ ହୋଇଛି ସେ ପର୍ଯ୍ୟନ୍ତ ଆମେ ଏମିତି କାର୍ଯ୍ୟାଳୟ ସମ୍ମୁଖରେ ବସି ରହିବୁ ବୋଲି ଚେତାବନୀ ଦେଇଥିଲେ। ସେକ୍ସନ ପକ୍ଷରୁ ବିଭାଗୀୟ ଅଧିକାରୀ ବୁଝାଶୁଝା ପରେ ଗ୍ରାମବାସୀ ଘେରାଉରୁ ଓହରିଥିଲେ। ଏ ସମ୍ପର୍କରେ ଟାଟା ପାୱାର ରାଜକନିକା ସେକ୍ସନର ବିଭାଗୀୟ ଅଧିକାରୀ (କମର୍ସିଆଲ ଜେଇ) ରଶ୍ମିକାନ୍ତ ପାଇକରାଏଙ୍କୁ ପଚାରିବାରେ ୩ଦିନ ହେବ ଲାଇନ୍ସମ୍ୟାନମାନଙ୍କର ଆନ୍ଦୋଳନ ଚାଲିଛି। ଆନ୍ଦୋଳନ ନ ସରିବା ପର୍ଯ୍ୟନ୍ତ କିଛି କହି ହେଉନି। ତେବେ ଲାଇନ୍ସମ୍ୟାନ କାର୍ଯ୍ୟରେ ଯୋଗ ଦେଲେ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେଇଯିବ। ବାକି ରହିଲା ୩ଶହରୁ ୫ଶହ ଟଙ୍କା କାହାକୁ କାହିଁକି ଦେଉଛନ୍ତି। ଯଦି ଏ ବାବଦରେ ପ୍ରମାଣ ମିଳେ କାର୍ଯ୍ୟାନୁଷ୍ଠାନ ନିଶ୍ଚୟ ନିଆଯିବ। ଟ୍ରାନ୍ସଫର୍ମର ପାଇଁ ଆପଣଙ୍କୁ କିଏ କହିଥିଲେ ପିଣ୍ଡି ତିଆରି କରିବାକୁ ତା'ର ପ୍ରମାଣ ଦେଲେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି ବୋଲି ସେ କହିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଚନ୍ଦନ



@ ଦେବାଶିଷ



@ ଜ୍ୟୋତିରଞ୍ଜନ



@ ସୁବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋରୁ ମାଂସ ବୋଝେଇ ଟ୍ରକ୍ ଜବତ ଘଟଣା: ୨ ଗିରଫ

ପଟ୍ଟାମୁଣ୍ଡାଇ,୫।୧୦ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଦର୍ଶ ଥାନା ପୋଲିସ ବୁଧବାର ରାତିରେ ଜବତ କରିଥିବା ଗୋମାଂସ ହାଡ଼-ଚମଡ଼ା ବୋଝେଇ ଟ୍ରକ୍ ମାମଲାର ବିଧିବଦ୍ଧ ତଦନ୍ତ କରି ଗୁରୁବାର ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ବୁଧବାର ରାତିରେ ବାଇପାସ ଛକରୁ ରାତି ପ୍ରାୟ ସାଢେ ୯ଟାରେ ସନ୍ଦେହଜନକ ଅବସ୍ଥାରେ ଯାଉଥିବା ଏକ ଗୋରୁ ମାଂସ ବୋଝେଇ ଟ୍ରକ୍ ନଂ. ଡବ୍ଲୁବି ୩୩ ଡି ୭୦୯୮କୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣା ଜଣାପଡ଼ିବା ପରେ ଥାନାକୁ ଲୋକଙ୍କ ଶୁଅ ଛୁଟି ଥିଲା। ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସାଧିକାରୀ ଏହି ଟ୍ରକ୍ ଯାଞ୍ଚ କରି ରିପୋର୍ଟ ଦେବା ପରେ ପୋଲିସ ବିଧିବଦ୍ଧ ତଦନ୍ତ କରି ଦଫା ୨୭୯, ୪୨୯, ୭ ଦଫା ଓ ୧୮୪ ଏମ ଭି ଆଇ ଆକ୍ଟ ବଳରେ ନଂ. ୪୯୭/୨୩ରେ ମାମଲା ରୁଜୁ କରିଛି। ପଶ୍ଚିମବଙ୍ଗ ଶେରପୁରାର ମୋତାଜ ଖାଁ ଓ ସୟ ଦତ୍ତଙ୍କୁ ବେଆଇନ ଗୋରୁ ମାଂସ ଚାଲାଣ ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ଓ ଆଇଆଇସି ରଞ୍ଜିତ ମହାନ୍ତି କହିଛନ୍ତି।

# ରାଜକନିକାରେ ସାଇବର ସୁରକ୍ଷା ସଚେତନତା ରଥ



ରାଜକନିକାରେ ପହଞ୍ଚିଥିବା ସାଇବର ସଚେତନତା ରଥକୁ ସ୍ୱାଗତ କରାଯାଉଛି।

ରାଜକନିକା, ୫।୧୦(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକାଠାରେ ଗୁରୁବାର ସାଇବର ସୁରକ୍ଷା ସଚେତନତା ରଥ ପହଞ୍ଚି ଥିଲା। ରଥ ରାଜକନିକା ଚନ୍ଦନ ପୋଖରୀ ଛକଠାରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ରଥ କଣ୍ଟପଡ଼ା ବଜାର ପରିକ୍ରମା କରି ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ପହଞ୍ଚି ଥିଲା। ସେଠାରେ ମହାବିଦ୍ୟାଳୟ ପକ୍ଷରୁ କଲେଜ ଛକ ନିକଟରେ ଅଧକ୍ଷ, ଅଧାପିକାଅଧାପକଙ୍କ ସମେତ ଛାତ୍ରୀଛାତ୍ର ସ୍ୱାଗତ ଜଣାଇଥିଲେ। ଏ ନେଇ ମହାବିଦ୍ୟାଳୟରେ ଏକ ସଚେତନତା ଶିବିର ଅଧକ୍ଷା ସୁରେଖା ରାଉତ ସଂଯୋଜନା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ସାଇବର ସଂଯୋଜକ ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସାଇବର ଠକେଇରୁ କେମିତି ବଞ୍ଚିବେ ସେ ନେଇ ସଚତନତା କରାଇଥିଲେ। ସାଇବର ଠକେଇରୁ ସୁରକ୍ଷିତ ରହିବା ପାଇଁ ଅନୁଷ୍ଠିତ ସଭାରେ ରାଜକନିକା ଥାନା ଆଇଆଇସି ଦିଲୀପ କୁମାର ଧଳ, ମହାବିଦ୍ୟାଳୟର ଅଧାପିକା ତୃପ୍ତି ରାଉତ, ପ୍ରଧାପକ ଡ. ମିଥିଳା ଦାସ, ଅଧାପକ ସଞ୍ଜୀବ କୁମାର ଦାଶ ଓ ଅଧାପିକା ମଧୁସ୍ମିତା ଦୋବାଇ ପ୍ରମୁଖ ଯୋଗ ଦେଇଥିଲେ। ପରେ ରଥ ଆୟତନ, କାଟଣା, ଓଳାଭର, କଣ୍ଡିଆ ଆଦି ଅଞ୍ଚଳ ପରିକ୍ରମା କରି ଲୋକଙ୍କ ମଧ୍ୟରେ ସାଇବର ସଚେତନତା ସୃଷ୍ଟି କରିଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ତଥା ରାଜକନିକା ପୋଲିସ ପରିଚାଳନା କରିଥିଲେ।

# ମଠ ବାବାଙ୍କୁ ପିଟିଲେ, ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟିଲେ ଦୁର୍ବୃତ୍ତ

ଡେରାବିଶ,୫।୧୦(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଖମୋଳ ପଞ୍ଚାୟତ ଅନ୍ତର୍ଗତ ସଲାରୋ ମଠ ଏବଂ ପଲେଇ ପଞ୍ଚାୟତ ଅନ୍ତର୍ଗତ ବରମୂଳ ବଜାରରେ ଥିବା ଶିବ ମନ୍ଦିରୁ ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ପୃଥକ୍ ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତିରେ ସଲାରୋ ମଠ ବାବା ଶୋଇଥିବା ବେଳେ ୬ରୁ୭ ଜଣ ଦୁର୍ବୃତ୍ତ ମଠ ଭିତରେ ପଶି ମହନ୍ତ ଗୌତମ ଦାସ ଓ ଚେଲା ପ୍ରହଲ୍ଲାଦ ତ୍ରିପାଠୀଙ୍କୁ ନିସ୍ତୁକ ମାଡ଼ ମାରି ଥିଲେ। ସେମାନଙ୍କ ନିକଟରେ ଥିବା ନଗଦ ୫ହଜାର ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ଗୁରୁବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି। ଏଥିସହ ପଂଚାୟତ ଅଫିସ୍ ନିକଟରେ ବରମୂଳ ବଜାରରେ ଥିବା ଶିବ ମନ୍ଦିରରୁ ବୁଧବାର ରାତିରେ କେହି ଦୁର୍ବୃତ୍ତମାନେ ମନ୍ଦିରର ହୁଣ୍ଡିବାକ୍ସ ଭାଙ୍ଗି ସେଥିରେ ଥିବା ଦାନ ଟଙ୍କାକୁ ଚୋରେଇ ନେଇଛନ୍ତି। ମନ୍ଦିର ସନ୍ନିକଟ ବଜାରର ଏକ ଗ୍ରୋସରୀ ଓ ଅନ୍ୟ ଏକ ଷ୍ଟେସନାରୀ ଦୋକାନରୁ ଅନୁରୂପ ଭାବେ ଚୋରି ହୋଇଛି। କେହି ଦୁର୍ବୃତ୍ତ ଦୋକାନ ୨ଟିର କବାଟ ଭାଙ୍ଗି ଦୋକାନରେ ଥିବା ଟଙ୍କା ଓ କିଛି ସାମଗ୍ରୀ ଚୋରି କରି ନେଇଯାଇଛି। ମନ୍ଦିର ହୁଣ୍ଡିର ସମସ୍ତ ଦାନ ଅର୍ଥ ନେଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଗୁରୁବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

# ବିକାଶ ପଥରେ ଅଗ୍ରସର ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ



ନିର୍ମାଣ ଶ୍ରମିକ ସହାୟତା ରାଶି, ଭତ୍ତା ବଣ୍ଟନ ଉତ୍ସବରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

ମାର୍ଶାଘାଇ,୫।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ଏବେ ବିକାଶର ଧାରା ଚାଲିଛି। ସ୍ୱାସ୍ଥ୍ୟ ସେବା, ଗମନାଗମନ, ପାନୀୟଜଳଠାରୁ ଆରମ୍ଭ କରି ମହିଳାଙ୍କ ଉନ୍ନତି ଓ ଶିକ୍ଷାର ଭିତ୍ତିଭୂମିରେ ଯଥେଷ୍ଟ ବ୍ୟୟ ବରାଦ କରାଯାଇଛି। ମାର୍ଶାଘାଇଠାରେ ବସ୍‌ଷ୍ଟାଣ୍ଡ, ବିଭିନ୍ନ ନଦୀ ଓ କେନାଲରେ ସେତୁ କରାଯାଇ ଗମନାଗମନର ବାଟ ଫିଟିଛି। ମେଗା ଇସ୍ପାତ କାରଖାନା ପାଇଁ ମାର୍ଶାଘାଇ-ଜମ୍ବୁ କେନାଲ ରାସ୍ତାକୁ ଚଉଡା କରାଯାଉଛି। ଗୁରୁବାର ମାର୍ଶାଘାଇ ଜଳ ନିକାଶନ ବଙ୍ଗଳା ପରିସରରେ ଭତ୍ତା ଓ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ ଉତ୍ସବରେ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ବିଡିଓ ରଶ୍ମିରେଖା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ନାୟକ ଯୋଗଦେଇ ୩୧୩ଜଣ ନିର୍ମାଣ ଶ୍ରମିକଙ୍କ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଚେକ, ମଧୁବାବୁ ପେନସନ ଯୋଜନାରେ ୨୫୦ଜଣ ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲା ଲେବର କମିଶନ ପ୍ରଦୀପ କୁମାର ମହାନ୍ତି, ଜିଲା ଶ୍ରମ ଅଧିକାରୀ ଅଶୋକ କୁମାର ମୁର୍ମୁ, ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ ସୌମ୍ୟ ରଞ୍ଜନ ମଲିକ ସହାୟତା କରିଥିଲେ। ଏହା ପୂର୍ବରୁ ମନ୍ତ୍ରୀ ନାୟକ ମଣିକୁଣ୍ଡା ପଞ୍ଚାୟତର ପେଟେହେଣ୍ଟାଠାରେ କେନାଲ ନିର୍ମିତ ସେତୁକୁ ଉଦ୍‌ଘାଟନ କରିଥିଲେ। ପରେ ମାର୍ଶାଘାଇ ବ୍ଲକ ପରିସରରେ ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ମିଶନ ଶକ୍ତି ଗୃହର ଶିଳାନ୍ୟାସ କରିଥିଲେ। ଏଥିରେ ମାର୍ଶାଘାଇ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ମହାକାଳପଡ଼ା ବ୍ଲକ ଅଧକ୍ଷା କଳ୍ପନା ରାଉତ, ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, ଜିଲା ବିଜୁ କୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଳିକ, ଦୁର୍ଗାବତୀ ପ୍ରଧାନ, ସରପଞ୍ଚ ବାବାଜୀ ସ୍ୱାଇଁ, ଯୁବ ବିଜେଡିର ସର୍ବେଶ୍ୱର ଦାସଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଫୁଟବଲ ଏକାଡେମୀ ପାଇଁ ୧୧.୮ କୋଟି ଅର୍ଥ ମଞ୍ଜୁର

ଆଳି,୫।୧୦(ବନମାଳୀ ସେନାପତି)

ଫୁଟବଲର ଅନ୍ତୁଡ଼ିଶାଳ ଭାବେ ପରିଚିତ ଆଳି ଅଞ୍ଚଳରେ ଥିବା ଆଳି ହାଇସ୍କୁଲ ମିନି ଷ୍ଟାଡିୟମର ଭିତ୍ତିଭୂମିର ବିକାଶ ନିମନ୍ତେ ଏକ ଫୁଟବଲ ଏକାଡେମୀ କରିବାକୁ ଘୋଷଣା ହୋଇଥିଲା। ଏହି ଫୁଟବଲ ଏକାଡେମୀ ନିମନ୍ତେ ୧୧ କୋଟି ୮୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ଏହି କାର୍ଯ୍ୟ ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲି଼, ଯାହାକି ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। କିଛିଦିନ ପୂର୍ବେ ଯୁଥ ଆଣ୍ଡ ସ୍ପୋର୍ଟ୍ସ ଡିପାର୍ଟମେଣ୍ଟ ପକ୍ଷରୁ ଏକ ସ୍ୱତନ୍ତ୍ର ସର୍ଭେ ଦଳ ଆଳି ହାଇସ୍କୁଲ ମିନି ଷ୍ଟାଡିୟମରେ ପହଞ୍ଚି ଏଠିକାର ସୁବିଧା ବିଷୟରେ ସରକାରଙ୍କୁ ରିପୋର୍ଟ ଦେଇଥିଲେ। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଖବର ଆଳିବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳାଇ ଦେଇଛି। ଆଳି ଆଥଲେଟିକ ଆସୋସିଏଶନର ସଭାପତି ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ସମ୍ପାଦକ ବିଜୟ କୁମାର ସେନାପତି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଆଳି ହାଇସ୍କୁଲ ମିନି ଷ୍ଟାଡିୟମ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସୋସାଇଟିକୁ ସ୍ଥାୟୀ ପଟ୍ଟା ପ୍ରଦାନ

ରାଜନଗର, ୫।୧୦ (ଭାସ୍କର ରାଉତରାୟ)

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ସ୍ଥାୟୀ ପଟ୍ଟା ଗୁରୁବାର ପ୍ରଦାନ କରାଯାଇଛି। ରାଜନଗର ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତିଙ୍କୁ ୨ ଏକର ୫୯ ଡିସିମିଲ, ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ଦଧିବାମନ ଭୂୟାଁଙ୍କୁ ୩୦ ଡିସିମିଲ ଜାଗାର ସ୍ଥାୟୀ ପଟ୍ଟା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମବାୟ ସମିତିର ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ, ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ଦାସ, ନାରାୟଣ ଦାସ, ବିଜୟ କୁମାର ଗୁପ୍ତା, ବାବାଜୀ ମିଶ୍ର, ରଞ୍ଜନ କୁମାର ପ୍ରଧାନ, ମହେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପାଇବା ପରେ ବି ସ୍ଥାୟୀ ପଟ୍ଟା ନ ଥିଲା।

# ପୋଲିସ ଉପରକୁ ଗାଡ଼ି ଚଢ଼ାଇ ଦେବାକୁ କହିଥିବା ଘଟଣା: ୨ ଗିରଫ

ମାର୍ଶାଘାଇ,୫।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ପାଟ୍ରୋଲିଂ ବେଳେ କର୍ତ୍ତବ୍ୟରତ ପୋଲିସ ଉପରେ ଟ୍ରକ୍ ମଡାଇ ଦେବାକୁ ଡ୍ରାଇଭରଙ୍କୁ ପ୍ରବର୍ତ୍ତାଇଥିବା ୨ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ୫୩ନଂ. ଜାତୀୟ ରାଜପଥର ନୀଳାଚଳ ଛକଠାରେ ଗତ ମଙ୍ଗଳବାର ସନ୍ଧ୍ୟାରେ ମାର୍ଶାଘାଇ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଏକ ଆଇରନ ବୋଝେଇ ଟ୍ରକ୍ ଧାଡ଼ି ଭାଙ୍ଗି ଦ୍ରୁତଗତିରେ ବେଆଇନ ଭାବେ ଡାହାଣ ପଟେ ପାରାଦୀପ ଆଡ଼କୁ ଯାଉଥିଲା। ପୋଲିସ ଅଟକାଇବାରୁ ଡ୍ରାଇଭର ଜଣକ ଅଟକିବା ପରିବର୍ତ୍ତେ ଟ୍ରକ୍ ମଡାଇ ଦେବାକୁ ଉଦ୍ୟମ କରିବାରୁ କର୍ତ୍ତବ୍ୟରତ ପୋଲିସ ରାସ୍ତା କଡ଼କୁ ଜୀବନ ବଞ୍ଚାଇବା ପାଇଁ ଡେଇଁ ପଡ଼ି ଆହତ ହୋଇଥିଲେ। ପୋଲିସ ଟିମ୍ ଉକ୍ତ ଟ୍ରକ୍‌କୁ ପିଛାକରି ଡ୍ରାଇଭରଙ୍କୁ ଗିରଫ ସହ ଟ୍ରକ୍‌ଜବତ କରିଥିଲା। ପରେ ସୂଚନା ମୁତାବକ, ଜାତୀୟ ରାଜପଥରେ ଟ୍ରକ୍ ପାସ କରୁଥିବା ଦଲାଲ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଭୁତମୁଣ୍ଡାଇ ଗ୍ରାମର ନିର୍ବାଚିତ ଦାସ ଓରଫ ମୁନା (୩୩) ଓ କାହ୍ନୁ ପଟ୍ଟନାୟକ (୨୯)ଙ୍କୁ ପୋଲିସ ଉପରେ ଗାଡି ଚଢାଇ ଦେବା ପାଇଁ କହିଥିଲେ। ମାର୍ଶାଘାଇ ଥାନା ଆଇଆଇସି ପ୍ରଜ୍ଞା ପାରମିତା ଜେନା ଘଟଣାର ତଦନ୍ତ କରି ୨ଜଣ ଦଲାଲଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ଧଳା ରଙ୍ଗର ଏକ କାର ଓ ୨ଟି ମୋବାଇଲ ଫୋନ ଜବତ କରିଛି। ଏ ନେଇ ଥାନାରେ ନଂ. ୪୮୮/୨୩ରେ ମାମଲା ରୁଜୁ କରିଛି।

## ହୃଦ୍‌ଘାତରେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ

ଆଳି,୫।୧୦(ବନମାଳୀ ସେନାପତି)

ଆଳି ବ୍ଲକ ବାଲିସାହି ଅଙ୍ଗନୱାଡି ସେଣ୍ଟରର କର୍ମୀ ପଦ୍ମିନୀ ସାହୁ (୩୨)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ କିଛିଦିନ ହେବ ଜ୍ୱରରେ ପଡିଥିଲେ। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆସି ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ତାଙ୍କର ହଠାତ୍ ଛାତରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପରୀକ୍ଷା କରିବା ପରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହିଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଅଙ୍ଗନୱାଡି କର୍ମୀମାନେ ମଧ ମ୍ରିୟମାଣ ହୋଇ ପଡ଼ିଥିଲେ। ଖବରପାଇ ସୁପରଭାଇଜର ଉତ୍ତମା ପ୍ରଧାନ, ଆଶା ସୁପରଭାଇଜର ମଞ୍ଜୁଲତା ସାମଲଙ୍କ ସମେତ ଅଙ୍ଗନୱାଡି କର୍ମୀମାନେ ଭୁଇଁପୁର ବାଲିସାହିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଡିଏଫ୍‌ଓ ଅଫିସ ଘେରିଲା ଛାତ୍ର ସୁରକ୍ଷା ମଞ୍ଚ

ରାଜନଗର, ୫।୧୦ (ଭାସ୍କର ରାଉତରାୟ)

## ଜଙ୍ଗଲ ଜମିରୁ କଂଗ୍ରେସ କାର୍ଯ୍ୟାଳୟ, ଚିଙ୍ଗୁଡ଼ି ଘେରି, ହୋଟେଲ ଉଚ୍ଛେଦ ଦାବି

ରାଜନଗର ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଜଙ୍ଗଲ ଜମିରୁ ହୋଟେଲ, ଚିଙ୍ଗୁଡ଼ି ଘେରି ଓ କଂଗ୍ରେସ କାର୍ଯ୍ୟାଳୟ ଉଚ୍ଛେଦ ଦାବିରେ ଏହି ଘେରାଉ କରାଯାଇଛି। ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ପ୍ରତିଶ୍ରୁତି ଦେଇଛନ୍ତି।

ତ୍ରିନାଥବଜାର ଛକରୁ ଛାତ୍ର ସୁରକ୍ଷା ମଞ୍ଚର ଶତାଧିକ କର୍ମକର୍ତ୍ତା ଓ ସଦସ୍ୟମାନେ ଶୋଭାଯାତ୍ରାରେ ବାହାରି ସାନବଡଗୋପାଳପୁର ବଜାର ପରିକ୍ରମା କରି ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ




ଜଙ୍ଗଲ ଜମିରୁ ଜବରଦଖଲ ଉଚ୍ଛେଦ ଦାବିରେ ଛାତ୍ର ସୁରକ୍ଷା ମଞ୍ଚର ଶୋଭାଯାତ୍ରା।

ପହଞ୍ଚିଥିଲେ। ଛାତ୍ର ସୁରକ୍ଷା ମଞ୍ଚର ସଭାପତି ଦେବଦତ୍ତ ସେଠୀ, ସମ୍ପାଦକ ରାଘବେନ୍ଦ୍ର ମହାନ୍ତି, ଉପଦେଷ୍ଟା ସଞ୍ଜୟ କୁମାର ବାଗ, ପବିତ୍ର ସେଠୀ, ଦେବାଶିଷ ରାଉଳ, ପଦ୍ମଲୋଚନ ପରିଡା ପ୍ରମୁଖ ଭିତରକନିକା ପ୍ରବେଶ ପଥ ଡାଙ୍ଗମାଳ ନିକଟରେ ଜଙ୍ଗଲ ଜମିରେ ହୋଇଥିବା ସମସ୍ତ ହୋଟେଲ ଉଚ୍ଛେଦ, ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜଙ୍ଗଲ ଜମି ଅକ୍ତିଆର କରି ନିର୍ମାଣ କରିଥିବା ଚିଙ୍ଗୁଡି ଘେରି ଉଚ୍ଛେଦ ଓ ଗର୍ଜନପୁର ମୌଜାରେ ଗୋଚର ଓ ଜଙ୍ଗଲ ଜମିରେ ନିର୍ମାଣ ହୋଇଥିବା କଂଗ୍ରେସ କାର୍ଯ୍ୟାଳୟ ଉଚ୍ଛେଦ କରିବାକୁ ଦାବି କରିଥିଲେ। ଏପରିକି କଂଗ୍ରେସ କାର୍ଯ୍ୟାଳୟ ହଂସୁଆ ନଦୀର ଜୁଆରକୁ ଅଟକାଇ ସିଆର୍‌ଜେଡ ଆଇନକୁ ଉଲ୍ଲଂଘନ କରି ନିର୍ମାଣ ହୋଇଛି। ଏପରି କି ପାଣି ନିଷ୍କାସନ ପଥକୁ ଅବରୋଧ କରି ଏହି କାର୍ଯ୍ୟାଳୟ ନିର୍ମାଣ ହୋଇଛି। ତୁରନ୍ତ ଏହାକୁ ଭାଙ୍ଗିବାକୁ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ଡିଏଫ୍‌ଓ ଯାଦବ ଦାବିପତ୍ର ଗ୍ରହଣ କରିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏଥିରେ ପଦ୍ମଲୋଚନ ପରିଡା, ବନିତା ନାୟକ, ତପସ୍ୱିନୀ ନାୟକ, କ୍ଷୀରୋଦ ନାୟକ, ଶିବ ପ୍ରସାଦ ନାୟକ, ଓମ୍‌କାର ଜ୍ୟୋତି ବର୍ଦ୍ଧନ, ଆକାଶ ସାମଲ, ହେମନ୍ତ ସେଠୀ, ଜଗବନ୍ଧୁ ସେଠୀ, ପ୍ରଦୀପ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଲେ ଜମାକାରୀ

**ନୟାଗଡ଼,୫।୧୦(ଲୋକନାଥ ମିଶ୍ର)**

ଚିଟ୍‌ଫଣ୍ଡ କମ୍ପାନୀ ଦ୍ୱାରା ଠକେଇର ଶିକାର ହୋଇଥିବା ଜମାକାରୀ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକରେ ଧସେଇ ପସି କାର୍ଯ୍ୟାଳୟ ଭିତରେ ଗଣସତ୍ୟାଗ୍ରହ କରିଥିଲେ। ଫାଟକରେ ତାଲା ନ ପକାଇ ସମ୍ମୁଖରେ ନିୟୋଜିତ ନୟାଗଡ଼ ଟାଉନ ଥାନା ପୋଲିସ ଜମାକାରୀଙ୍କୁ ମାଡ଼ ମାରି ଘଉଡାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ଅନ୍ୟପକ୍ଷେ ବିଭିନ୍ନ ସମୟରେ ବିକ୍ଷୋଭକାରୀ ଓ ଆନ୍ଦୋଳନକାରୀଙ୍କୁ ପୋଲିସ ଦୁର୍ଗାମଣ୍ଡପଠାରେ ଅଟକ ରଖି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସିବାକୁ ଦେଇ ନ ଥାଏ। ଗୁରୁବାର ଜମାକାରୀଙ୍କ ଏକ ବଡ଼ ଶୋଭାଯାତ୍ରା ନୟାଗଡ଼ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସୁଥିବାବେଳେ ପୋଲିସ ନ ଅଟକାଇବା ତା'ର ପାରିବପଣିଆକୁ ପଦାରେ ପକାଇଛି। ଜମାକାରୀଙ୍କ ପ୍ରତି ପୋଲିସେ କେଉଁଥିପାଇଁ ଅନୁକମ୍ପା ଦେଖାଇଲା ତାହା ପ୍ରଶ୍ନ ଉଠିଛି। ଯଦି କିଛି ଅଘଟଣ ଘଟିଆନ୍ତା ତେବେ କିଏ ଦାୟୀ ହୋଇଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



ଆନ୍ଦୋଳନକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶୁଛନ୍ତି।

- ମାଡ଼ ମାରିବା ପରେ ବି ଅଟକାଇ ପାରିଲାନି ପୋଲିସ
- ଗଣସତ୍ୟାଗ୍ରହ ସମୟରେ ଫାଟକରେ ପଡି ନ ଥିଲା ତାଲା
- ଦୁର୍ଗାମଣ୍ଡପଠାରେ ମଧ ନ ଅଟକାଇ ଛାଡିଥିଲା
- ୧୧ରେ ଆଲୋଚନା ପାଇଁ ସମୟ ଦେଲେ ଜିଲାପାଳ

ସତ୍ୟାଗ୍ରହୀମାନେ ଜିଲାପାଳଙ୍କୁ ଭେଟିଥିଲେ। ଜିଲାପାଳ, ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କ ସହ ଜିଲାପାଳଙ୍କ ମିନି କନ୍‌ଫେରେନ୍ସ ହଲରେ ଆଲୋଚନା କରିଥିଲେ। ଚଳିତ ମାସ ୧୧ ତାରିଖରେ ପୁଣି ଜମାକାରୀଙ୍କ ସହ ଆଲୋଚନା କରିବାକୁ ଜିଲାପାଳ ସମୟ ଦେଇଛନ୍ତି। ଜମାକାରୀ ସେମାନଙ୍କ କଷ୍ଟ ଉପାର୍ଜିତ ଜମା ଟଙ୍କାର ପରିପକ୍ୱ ରାଶି ଫେରସ୍ତ ଓ ଜମାକାରୀ ଚିହ୍ନଟ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗ ଅନୁସାରେ କେନ୍ଦ୍ର ଓ ରାଜ୍ୟ ସରକାର ଚିଟ୍‌ଫଣ୍ଡ ସଂସ୍ଥାମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଲକ୍ଷାଧିକ ଜମାକାରୀଙ୍କ ଭବିଷ୍ୟ ସହ ଖେଳ ଖେଳୁଛନ୍ତି। ସରକାର ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନୀର ମାଲିକ, ନିର୍ଦ୍ଦେଶକ, ଆଞ୍ଚଳିକ ମୁଖ୍ୟମାନଙ୍କୁ ଗିରଫ କରି ବ୍ୟାଙ୍କ ଜମା, ସମ୍ପତ୍ତି ଜବତ କରିଛନ୍ତି। ଏପରିକି ସମ୍ପତ୍ତି ନିଲାମ ହୋଇଥିଲେ ମଧ ଜମାକାରୀଙ୍କୁ ଜମାଟଙ୍କା ମିଳୁ ନାହିଁ। ଜମାକାରୀ ମାନେ ବାରମ୍ବାର ଜମା ବାବଦ କାଗଜାତ ଦାଖଲ କରି ଅଯଥା ଖଇଚାନ୍ତ ହୋଇ ଚାଲିଛନ୍ତି। ତେବେ ଜିଲାରେ କେତେ ଜମାକାରୀ ଅଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ପାରୁ ନାହିଁ। ଏଣୁ ଜମାକାରୀମାନେ ଜମା ଟଙ୍କା ଫେରି ପାଇବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଗଣସତ୍ୟାଗ୍ରହ କରିଥିଲେ। ଆନ୍ଦୋଳନରେ ଜମାକାରୀଙ୍କ ମିଳିତ ମଞ୍ଚର ଆବାହକ ଜୟନ୍ତ ଦାସ, ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ, ଯୁଗ୍ମ ଆବାହକ ଅନୁରାଧା ସୁବୁଦ୍ଧି, ଆଇନଜିବୀ ରଣଜିତ୍ ଦାଶ, ସାମାଜିକ କର୍ମୀ ଅମୀୟ ପଟ୍ଟନାୟକ ଓ ମାନସ ଦାଶ ପ୍ରମୁଖ ସାମିଲ ହୋଇ ଆନ୍ଦୋଳକୁ ତ୍ୱରାନ୍ୱିତ କରିଥିଲେ। ଏନେଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ କୁହନ୍ତି, ଜିଲାରେ କେତେ ଜମାକାରୀ ଅଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବ। ଏନେଇ ଚଳିତ ମାସ ୧୧ ତାରିଖରେ ଜମାକାରୀଙ୍କ ସହ ପୁଣି ଆଲୋଚନା ହେବ। କେତେଜଣ ଜମାକାରୀ ଜମା ଟଙ୍କା ଫେରି ପାଇଲେଣି ବୋଲି କହିଥିଲେ। ସେହିପରି ଜମାକାରୀଙ୍କ ସହ ଗୁରୁବାର ଆଲୋଚନା ସଫଳ ହୋଇଛି ବୋଲି କହିଥିଲେ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଚନ୍ଦନ



@ ଦେବାଶିଷ



@ ଜ୍ୟୋତିରଞ୍ଜନ



@ ସୌରଭ



@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭେଣ୍ଡିଂ ଜୋନକୁ ଭାଙ୍ଗିଲେ ଦୁର୍ବୃତ୍ତ

**ଖଣ୍ଡପଡ଼ା,୫।୧୦(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ଖଣ୍ଡପଡ଼ା ସହର ଉପକଣ୍ଠରେ ଥିବା ସୁନାମୁହିଁ ପରିବେଶ ପର୍ଯ୍ୟଟନ ସ୍ଥଳୀକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଚାଲୁ ରହିଛି । ପର୍ଯ୍ୟଟକମାନଙ୍କ ବସିବା ନିମନ୍ତେ ପର୍ଯ୍ୟଟନସ୍ଥଳୀ ସମ୍ମୁଖରେ ନିର୍ମାଣଧୀନ ଭେଣ୍ଡିଂ ଜୋନରେ ଚୌକିର ବ୍ୟବସ୍ଥା କରାଯାଇଥିଲା । ଜନବସତିଠାରୁ ଦୂରରେ ରହିଥିବା ଉକ୍ତ ସ୍ଥାନରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୌକିର କିଛି ଅଂଶକୁ ଭଙ୍ଗାରୁଜା କରୁଛନ୍ତି । ସନ୍ଧ୍ୟା ହେଲେ ସେଠାରେ ଅସାମାଜିକ ଓ ମଦ୍ୟପଙ୍କ ଭିଡ ଜମୁଛି । ଅପରପକ୍ଷେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ସେଠାରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇ ନାହିଁ। ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ଲୁଟେରା ଓ ଦୁର୍ବୃତ୍ତମାନେ ସେଠାରେ ଭିଡ ଜମାଇ ମୂଲ୍ୟବାନ ସାମଗ୍ରୀ ନଷ୍ଟ କରୁଥିବା ନଜିର ରହିଛି । ନିକଟରେ ଥିବା ଅଣ୍ଡା ଓ ପାନ ଦୋକାନର ଲୁହା ଗ୍ରିଲ ଭାଙ୍ଗି ଲୁଟପାଟ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଡିଜାବଲ ରିଲିଫ୍ ଅର୍ଗାନାଇଜେଶନର ପ୍ରତିଷ୍ଠା ଦିବସ

**ଦଶପଲ୍ଲା,୫।୧୦(ପ୍ରକାଶ କୁମାର ପାଣି):** ଦଶପଲ୍ଲାରେ ଦିବ୍ୟାଙ୍ଗମାନଙ୍କ ପାଇଁ କାମ କରୁଥିବା ଡିଜାବଲ ରିଲିଫ ଅର୍ଗାନାଇଜେଶନର ୧୦ମ ପ୍ରତିଷ୍ଠା ଦିବସ ସ୍ଥାନୀୟ ବ୍ଲକ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ବେଣୁଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୁପେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ , ମୁଖ୍ୟବକ୍ତା ଭାବେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ , ସମ୍ମାନୀତ ଅତିଥି ରୁପେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରା,ପୂର୍ବତନ ସଭାପତି ଡା.ପ୍ରଫୁଲ୍ଲ କୁମାର ଦାଶ ଯୋଗ ଦେଇ ଏପରି ଏକ ଅନୁଷ୍ଠାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି କହିଥିଲେ । ପ୍ରାରମ୍ଭରେ ମନୋରଞ୍ଜନ ମହାପାତ୍ର, ସଙ୍ଗୀତା ଦାଶ ଏବଂ ସାଥୀ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ସମ୍ପାଦକ ଲକ୍ଷ୍ମୀଧର ବେହେରା ବିବରଣୀ ପାଠ କରିଥିଲେ ।

## ପରିତ୍ୟକ୍ତ ପୁଷ୍କରିଣୀକୁ ପୋତି ଖେଳ ପଡ଼ିଆ କରିବାକୁ ଦାବି



ଆଶ୍ରମ ସ୍କୁଲ ପରିସରରେ ଥିବା ପରିତ୍ୟକ୍ତ ପୁଷ୍କରିଣୀ ।

**ଖଣ୍ଡପଡ଼ା,୫।୧୦(ଅଜୟ କୁମାର ମହାରଣା):** ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଖଣ୍ଡପଡ଼ା ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟ ୧୯୫୦ରୁ ପ୍ରତିଷ୍ଠା ହୋଇଛି । ଇତିମଧ୍ୟରେ ଦୀର୍ଘ ୭୩ ବର୍ଷ ବିତିଛି । ହେଲେ ବିଦ୍ୟାଳୟ ପରିସରରେ ଥିବା ଏକ ପୁଷ୍କରଣୀ ପରିତ୍ୟକ୍ତ ଅବସ୍ଥାରେ ରହିଛି । ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ତାହା ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି । ଏହାର ପାଣି ବ୍ୟବହାର ଉପଯୋଗୀ ନୁହେଁ । ଅପରପକ୍ଷେ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଖେଳ ପଡ଼ିଆର ଆବଶ୍ୟକତା ରହିଛି । ସେହି ପରିତ୍ୟକ୍ତ ପୁରାତନ ପୁଷ୍କରିଣୀକୁ ପୋତି ସେହି ସ୍ଥାନରେ ଏକ ଖେଳ ପଡ଼ିଆ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି । ଏଥିସହିତ ମୁଖ୍ୟ ଫାଟକଠାରୁ ବିଦ୍ୟାଳୟକୁ ସଂଯୋଗ କରୁଥିବା ମାଟି ରାସ୍ତାକୁ ସିମେଣ୍ଟ କଂକ୍ରିଟ୍(ସିସି)ରେ ପଣିତଣ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି ।

# ରାଜପଥ ପ୍ରଶସ୍ତୀକରଣ କାମରେ ଅନିୟମିତତା ଅଭିଯୋଗ

**ଭାପୁର,୫।୧୦(ଭରତ କୁମାର ବେହେରା)**

ଖୋର୍ଦ୍ଧା ବାଘମାରୀଠାରୁ ଦଶପଲ୍ଲା ଦେଇ ବୌଦ୍ଧ, ଫୁଲବାଣୀ, ବଲାଙ୍ଗୀର ଆଦି ଜିଲାକୁ ସଂଯୋଗ କରୁଥିବା ୪୮ନଂ. ରାଜ୍ୟ ରାଜପଥ ଅବସ୍ଥା ଶୋଚନୀୟ ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଯାନବାହାନ ଯାତାୟତ କରୁଛି । ହେଲେ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ଗାତ ସୃଷ୍ଟି ହୋଇଛି। ବର୍ଷା ସମୟରେ ଉକ୍ତ ଗର୍ତ୍ତରେ ପାଣି ଜମି ରହିବା ଯୋଗୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏଥିଯୋଗୁ ମୃତାହତଙ୍କ ସଂଖ୍ୟା ବି ବଢ଼ି ଚାଲିଛି । ରାଜ୍ୟ ସରକାର ଉକ୍ତ ରାସ୍ତାର ମରାମତି ଓ ପ୍ରଶସ୍ତୀକରଣ ପାଇଁ ଅନୁଦାନ ପ୍ରଦାନ କରୁଥିଲେ ବି ତାହା ବାଟମାରଣା ହେଉଛି । ଫଳରେ କାମ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଫତେଗଡ଼ଠାରୁ କଣ୍ଟିଲୋ ବାଣପୁର ୨୦ କିମି. ରାସ୍ତା ଉନ୍ନତି ଓ ପ୍ରଶସ୍ତିକରଣ ଠିକ୍ ଭାବେ ହେଉ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି। ଏବେ ମାଧପୁର ଓ କେନ୍ଦୁପଲ୍ଲୀ ପଞ୍ଚାୟତ ନିକଟସ୍ଥ ରାସ୍ତା ପ୍ରଶସ୍ତୀକରଣ ଚାଲିଛି। ସେଥିପାଇଁ ବ୍ୟବହାର କରାଯାଉଥିବା ନିର୍ମାଣ ସାମଗ୍ରୀ ନିମ୍ନମାନର ବୋଲି ରାଜପଥ ପାର୍ଶ୍ୱରେ ଥିବା ଏକାଧିକ ପଞ୍ଚାୟତର ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଫତେଗଡ଼ଠାରୁ କଣ୍ଟିଲୋ ବାଣପୁର ୨୦ କିଲୋମିଟର ରାସ୍ତା ଉନ୍ନତି ଓ ପ୍ରଶସ୍ତୀକରଣ ପାଇଁ ୨୫ କୋଟି ମଞ୍ଜୁର ହୋଇଛି। ହେଲେ କାମ ଆରମ୍ଭ ହୋଇଥିଲେ ମଧ କେଉଁଠି ସୂଚନା ଫଳକ ଲଗାଯାଇନାହିଁ। ଏହି କାମକୁ ଶ୍ରୀଦୁର୍ଗା କନ୍‌ଷ୍ଟ୍ରକଶନ କମ୍ପାନୀ କରୁଛି । କମ୍ପାନୀର ସୁପରଭାଇଜ ଅକ୍ଷୟ ସାହୁଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କହିଛନ୍ତି, ଅନୁଦାନ ରାଶି କେତେ ଆସିଛି ମୁଁ ଜାଣିନାହିଁ। ବୋଧହୁଏ ୨୦ରୁ ୨୨କୋଟି ଟଙ୍କା ଅନୁଦାନ ଆସିଛି । ଏନେଇ କନିଷ୍ଠ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର କହିଛନ୍ତି, ଏହି ରାସ୍ତା ୭ ମିଟର ଓସାର ଥିବାବେଳେ ଉଭୟ ପାର୍ଶ୍ୱରେ ୫ ଫୁଟ ପର୍ଯ୍ୟନ୍ତ ପିଚୁ ଓ ଯେଉଁଠି ସିମେଣ୍ଟ କଂକ୍ରିଟ ଥିବ ସେଠାରେ ସେପରି ପ୍ରଶସ୍ତୀକରଣ କରାଯିବ। ଉକ୍ତ ରାସ୍ତା କାମ ୧୮ମାସ ମଧ୍ୟରେ ଶେଷ କରାଯିବ। ସୂଚନା ଫଳକ କଥା ପଚାରିବାରୁ କେଉଁଠି ଲେଖା ହେବ ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ। ଏନେଇ ଭାପୁର ବ୍ଲକ ଅନ୍ତର୍ଗତ ମାଧପୁର ସରପଞ୍ଚ ପ୍ରତିନିଧି ଦେବୀ ପ୍ରସାଦ ଦାସ ଓ କେନ୍ଦୁପଲ୍ଲୀ ପଞ୍ଚାୟତର ପୂର୍ବତନ ଜିଲାପରିଷଦ ସଭ୍ୟ ସୁଦର୍ଶନ ବେହେରା କହିଛନ୍ତି, କାମ ନିମ୍ନମାନର ହେଉଛି। ଅଭିଯୋଗ କଲେ ଠିକାଦାର ନ ଶୁଣି କହୁଛନ୍ତି ଯାହା କରିବାର ଅଛି କରନ୍ତୁ । ଏନେଇ ଜନପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ତ୍ରୀବ ହେବାରେ ଲାଗିଛି । ଯଦି କାମ ଠିକ୍ ଭାବେ ନ ହୁଏ ଆନ୍ଦୋଳନ ତୀବ୍ରତର ହେବ ବୋଲି ସମସ୍ତ ଜନପ୍ରତିନିଧି ସୂଚନା ଦେଇଛନ୍ତି। ସେମାନେ ରାସ୍ତା ଅବରୋଧ ସହିତ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ପୁଷ୍କରା ବାୟାଙ୍କୁ ଶୁଭେଚ୍ଛା ଜଣାଇଲେ ଅନନ୍ୟା ପରିବାର

**ନୟାଗଡ଼,୫।୧୦(ଲୋକନାଥ ମିଶ୍ର):** ଓଡ଼ିଆ ସିନେମାର ପୁଷ୍କରା ବାୟାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ନୟାଗଡ଼ର ଅନନ୍ୟା ପରିବାର । ଓଡ଼ିଆ ଘରର ସଂସ୍କୃତି ସହ ନିଛକ ଓଡ଼ିଆ ଘରର କାହାଣୀକୁ ନେଇ ନିର୍ମିତ ହୋଇଥିବା ଚଳଚ୍ଚିତ୍ର ପୁଷ୍କରା ସାରା ଓଡ଼ିଶାରେ ଚାଲିଛି। ଏହି ସିନେମା ଦର୍ଶକମାନଙ୍କୁ ପ୍ରେକ୍ଷାଳୟକୁ ଟାଣି ଆଣିଛି। ଏହି ସିନେମା ନିର୍ମାତାମାନଙ୍କୁ ନୂଆ ଦିଶା ଦେଖାଇଛି। ଦର୍ଶକଙ୍କ ମତ ଅନୁଯାୟୀ ଅଭିନେତା ସବ୍ୟସାଚୀଙ୍କ ଅଭିନୟ ଶୈଳୀ ଅତି ନିଖୁଣ ହୋଇଛି । ଏହି ସଫଳତା ପାଇଁ ନୟାଗଡ଼ ଅନନ୍ୟା ଫାଉଣ୍ଡେଶନର ସଦସ୍ୟମାନେ ସବ୍ୟସାଚୀଙ୍କୁ ଭୁବନେଶ୍ୱରରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

## ଭାପୁରକୁ ଏନ୍‌ଏନ୍‌ସି ଘୋଷଣା ଦାବି ଉଠିଲା

**ଭାପୁର,୫।୧୦(ଭରତ କୁମାର ବେହେରା):** ବୁଧବାର ଭାପୁର ବଜାର ସଦରମହକୁମା ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଭାପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ରବିନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭାପୁର ବ୍ଲକ ଅଞ୍ଚଳରେ ଜନସାଧାରଣ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଭାପୁର ବଜାରରେ ତୁରନ୍ତ ବସ୍‌ଷ୍ଟାଣ୍ଡ ପ୍ରତିଷ୍ଠା, ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡ଼ିଥିବା ଡାକ୍ତର, ଷ୍ଟାଫନର୍ସ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପଦବୀ ପୂରଣ କରିବା, ଭାପୁର ମେଡିକାଲରେ ଅନୁପସ୍ଥିତି ରହୁଥିବା ଡାକ୍ତରମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ, ଡାକ୍ତର ପ୍ରଦୀପ କୁମାର ପାଇକରାୟଙ୍କୁ ବଦଳି ଆଦେଶ ପ୍ରତ୍ୟାହାର, ଭାପୁରରେ ବିଦ୍ୟୁତ୍ ସବ୍‌ଡିଭିଜନ ଖୋଲିବା, ଭାପରକୁ ଏନଏସି ଘୋଷଣା କରିବା, ସ୍ଥାନୀୟ ଡାକଘର ପାଇଁ ନିଜସ୍ୱ ଗୃହ ନିର୍ମାଣ ପାଇଁ ଜାଗା ଯୋଗାଇ ଦେବା, ଭାପୁର ମେଡିକାଲରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କରିବା ଓ ଭାପୁର ଫାଣ୍ଡିକୁ ପୂର୍ଣ୍ଣାଙ୍ଗ ଥାନାରେ ପରିଣତ କରିବା ସହିତ ବିଭିନ୍ନ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ବୈଠକରେ ସମ୍ପାଦକ ପ୍ରଭାକର ସାହୁ, ଗଙ୍ଗାଧର ବାରିକ, ଲକ୍ଷ୍ମୀଧର ସାମନ୍ତରାୟ, ସାଧୁ ଚରଣସିଂ, ପଦ୍ମଚରଣ ବେହେରା ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ଆଲୋଚନା ଅଂଶ ଗ୍ରହଣ କରିଥିଲେ ।

**ବିଭିନ୍ନ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର**



ଭାପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ବୈଠକ ।

# ଉଦୟପୁର ପଞ୍ଚାୟତର ବିକାଶ ଚିନ୍ତା

**ନୂଆଗାଁ,୫।୧୦(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତର ବିକାଶ ପାଇଁ ପ୍ରଶାସନର ଉଦାସୀନତା ଚିନ୍ତାର କାରଣ ହୋଇଛି। କନିଷ୍ଠ ଯନ୍ତ୍ରୀ ଅଦଳ ବଦଳରେ ଯୋଗୁ ସମସ୍ୟା ଦେଖା ଦେଇଥିବା ବେଳେ ଏହାର ତୁରନ୍ତ ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ନିର୍ଦ୍ଦେଶ ଦେବାର ୧୦ ଦିନ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ସେହି ସମାଧାନ କରାଯାଇ ନ ଥିବା ଅଭିଯୋଗ ହେଉଛି ।

ପଞ୍ଚାୟତ ନିର୍ବାଚନ ପରେ ଉଦୟପୁର ପଞ୍ଚାୟତରେ ବିକାଶ ମୂଳକ କାର୍ଯ୍ୟ ହୋଇ ପାରୁ ନାହିଁ । ସରକାରଙ୍କ ଯୋଜନାରେ ଅଳ୍ପ କିଛି ପ୍ରକଳ୍ପ ନିର୍ମାଣ କରାଯାଇଥିବା ବେଳେ ସେଗୁଡିକର ବିଲ୍ କରାଯାଉ ନାହିଁ। ଅନେକ ବିକାଶ ମୂଳକ କାର୍ଯ୍ୟ ବାକି ରହିଥିଲେ ମଧ୍ୟ ସେଗୁଡିକୁ କରିବାରେ ଅନେକ ସମସ୍ୟା ଦେଖା ଦେଉଥିବା ଅଭିଯୋଗ ହେଉଛି । ଯନ୍ତ୍ରୀଙ୍କ ପଞ୍ଚାୟତ ଅଦଳବଦଳରେ ଉଦୟପୁର ପଞ୍ଚାୟତର ୱାର୍ଡ ସଭ୍ୟ , ସରପଞ୍ଚ, ସମିତି ସଭ୍ୟ ଆଦି ଜନପ୍ରତିନିଧି ସନ୍ତୁଷ୍ଟ ନାହାନ୍ତି । ଯେଉଁ ଯନ୍ତ୍ରୀଙ୍କୁ ଉଦୟପୁର ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି ତାଙ୍କୁ ପରିବର୍ତ୍ତନ କରି ଅନ୍ୟ ଜଣେ ଯନ୍ତ୍ରୀଙ୍କୁ ପଞ୍ଚାୟତ ଦାୟିତ୍ୱ ଦିଆଯାଉ ବୋଲି ବାରମ୍ବାର ଦାବି ହୋଇ ଆସୁଛି । ଅଭିଯୋଗରେ କୌଣସି ସୁଫଳ ନ ମିଳିବାରୁ ଏହି ସମସ୍ୟାର ସମାଧାନ ଓ ଉଦୟପୁର ପଞ୍ଚାୟତର ବିକାଶ ପାଇଁ ସଂପୃକ୍ତ ପଞ୍ଚାୟତର ଲୋକ ପ୍ରତିନିଧିମାନେ ମିଳିତ ଭାବେ ଜିଲାପାଳଙ୍କ ଜନ ଶୁଣାଣିରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ତେବେ ଆଜି ହିଁ ଯନ୍ତ୍ରୀ ସମସ୍ୟାର ସମାଧାନ କରନ୍ତୁ ବୋଲି ଜିଲାପାଳ ରବିନ୍ଦ୍ର ନାଥ ସାହୁ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଇତି ମଧ୍ୟରେ ନୂଆଗାଁ ବିଡିଓ ମିଶ୍ରଙ୍କ ବଦଳି ହୋଇ ବାସୁଦେବ ନାୟକ ନୂଆ ବିଡିଓ ଭାବେ କାର୍ଯ୍ୟରେ ଯୋଗ ଦେଲେଣି । ତେବେ ଜିଲାପାଳଙ୍କ ନିର୍ଦ୍ଦେଶକୁ ୧୦ ଦିନ ବିତି ଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରି ନାହିଁ । ଏ ବାବଦରେ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧନ କରିବେ ବୋଲି କହିଛନ୍ତି ।

**ଜିଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଯନ୍ତ୍ରୀ ବିବାଦ ସମାଧାନ ହେଲାନି**



ଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି ଉଦୟପୁର ପଞ୍ଚାୟତ ଜନ ପ୍ରତିନିଧି ।

